# ଟ୍ରାଇକୋଡର୍ମା



## ଧାନ ଫସଲରେ ଟ୍ରାଇକୋଡର୍ମାର ଉପକାରିତା

- ଏହା ଧାନ ଚାରାରେ ରୋଗ ପ୍ରତିଶୋଧକ ଶକ୍ତିକୁ ବୃଦ୍ଧି କରିଥାଏ ଏବଂ ଦ୍ରୁତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିଥାଏ ।
- ଏହା ମୃତ୍ତିକାରେ ଥିବା ଅପକାରୀ ଅଣୁଜୀବ ଦମନ କରିଥାଏ ଏବଂ ରୋଗର ମାତ୍ରାକୁ ହ୍ରାସ କରିଥାଏ ।
- ଏହା ଖାଦ୍ୟସାର ଗ୍ରହଣ କ୍ଷମତାକୁ ବୃଦ୍ଧି କରିଥାଏ ।
- ଏହା ପରିବେଶ ଜନିତ ଚାପ(ମରୁଡି) ସହନଶୀଳତା ବଢାଇଥାଏ ।
- ଏହା ରାସାୟନିକ କୀଟନାଶକର ବ୍ୟବହାର ହ୍ରାସ କରି ସ୍ଥାୟୀ କୃଷି ଅଭ୍ୟାସରେ ସହାୟକ ହୋଇଥାଏ ।



## ଟ୍ରାଇକୋଡର୍ମା ବ୍ୟବହାର କରିବା ପଦ୍ଧତି

### ବିହନ ବିଶୋଧନ ପ୍ରଣାଳୀ

- ବିହନ ବୁଣିବାର ପୂର୍ବ ରାତିରେ ଧାନ ବିହନକୁ ରାତିସାରା ପାଣିରେ ଭିଯାଇ ରଖନ୍ତୁ ।
- ବୁଣିବା ଦିନ ବିହନରୁ ପାଣି ନିଗାଡିବା ପରେ, ବିହନ ବିଶୋଧନ ପାଇଁ ୧ କିଗ୍ରା ବିହନ ପିଛା ୧୦ ଗ୍ରାମ ଟ୍ରାଇକୋଡର୍ମା ପାଉଡର ବିହନରେ ମିଶାଇ ଦିଅନ୍ତୁ ।
- ବୁଣିବା ପୂର୍ବରୁ ବିଶୋଧିତ ବିହନକୁ ୧ ଘଣ୍ଟା ଛାଇରେ ଶୁଖାଇ ରଖିବା ପରେ ନର୍ସରୀରେ ବୁଣନ୍ତୁ ।

### ଧାନ ଚାରା ବିଶୋଧନ ପ୍ରଣାଳୀ

- ଧାନ ଚାରା ବିଶୋଧନ ପାଇଁ ପ୍ରଥମେ ୧୦ ଗ୍ରାମ ଟ୍ରାଇକୋଡର୍ମା ୧ ଲିଟର ପାଣିରେ ମିଶାଇ ଏକ ମିଶ୍ରଣ ତିଆରି କରନ୍ତୁ ।
- ତଳିଘେରାରୁ ଧାନ ଚାରା ଉପାଡିବା ପରେ, ଏହି ଚାରାକୁ ଟ୍ରାଇକୋଡର୍ମା ମିଶ୍ରଣରେ ୫-୧୦ ମିନିଟ ପାଇଁ ବୁଡାଇ ରଖିବା ପରେ ଧାନ ଚାରାକୁ ରୋଇବା ପାଇଁ ବ୍ୟବହାର କରନ୍ତୁ ।


IRRI International Rice Research Institute CGIAR

**ଆନ୍ତର୍ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ**

ପ୍ଲଟ୍ ନଂ. ୩୪୦/ସି, ସହିଦ ନାଗର, ଭୁବନେଶ୍ୱର, ୭୫୧୦୦୭, ଟେଲିଫୋନ୍: +୯୧-୬୭୪-୨୫୮ ୪୯୪୯, www.irri.org